# ଆମେ ଜନ ସାଧାରଣ

କବି ରଘୁନାଥ ଦାସ

ଅନାହାତ ପଥେ କା'ର ପଦଧ୍ବନି-;

ଚମକି ଚାହିଁଲା ଚକିତ ବନାନୀ,

ଚରଣ ପରଶେ ବିକାଶେ ପାଷାଣୀ;

ଆମର କାହାଣୀ ପୁରାତନ ଅତି,

ରଚିଥିଲୁ ରାମାୟଣ

ଆମେ ଜନସାଧାରଣ ॥

ଧମନୀରେ ଛୁଟେ ଯୌବନ ଉଦ୍ଦାମ,

ଏ ଧରଣୀ ହେଉ ସୁନ୍ଦର ସୁଠାମ

ଛବିଳ ନଗର ସୁଗଠିତ ଗ୍ରାମ,

ମହୀୟସୀ ଗ୍ରୀସ୍, ମନୋରମ ରୋମ,

ଉଷାର ସ୍ବର୍ଣ୍ଣ ତୋରଣ

ଆମେ ଜନସାଧାରଣ ॥

କୁଠାର ଆଘାତେ ନିପାତ ଜଙ୍ଗଲ,

ମୁଠାରେ ଲଙ୍ଗଳ, ଉଠାରେ ଫସଲ,

www.jataayu.org

# ଆମେ ଜନ ସାଧାରଣ

କବି ରଘୁନାଥ ଦାସ

ଆମ ହାତେ କିଆଁ, ଜଡ଼ିତ ଶୃଙ୍ଖଳ?

ହାଣ ଅମଙ୍ଗଳ, ଜାଗ ପ୍ରମିଥସ୍,

ମୁକ୍ତିର ଦୃପ୍ତ ସପନ

ଆମେ ଜନସାଧାରଣ ॥

କେତେ ଯେ ଅମୀର ଜାର ବାଦଶାହ

କାଳସ୍ରୋତେ ଫୁଲି ବୁଦ ବୁଦ ପ୍ରାୟ

ଝଟକି କ୍ଷଣକେ ଫାଟିଗଲେ ହାୟ

ବିପୁଳ ପ୍ରବାହେ ଆମ ଜୀବନର

ଅବିନାଶୀ ଚିରନ୍ତନ ।

ଆମେ ଜନସାଧାରଣ ॥

ଦଳିତର ଗଣ୍ଡେ ତପ୍ତ ଅଶ୍ରୁଧାରା,

ନିରନ୍ନ କଣ୍ଠର ତୀବ୍ର ବହ୍ନିଜ୍ୱାଳା,

ବଞ୍ଚିତ ଲାଞ୍ଛିତ ଆମେ ସର୍ବହରା;

ବିଷାଦ ଜଡ଼ିତ ବଡ଼ ବାଷ୍ପାଇଲ



www.jatayu.org

# ଆମେ ଜନ ସାଧାରଣ

କବି ରଘୁନାଥ ଦାସ

ନିଃସ୍ବା ମହାକ୍ରନ୍ଦନ

ଆମେ ଜନସାଧାରଣ ॥

ଶ୍ରମୁଁ ବଳତ କାହିଁ ଅଛିରେ ପୁନିଅଁ?

ମାଟିରେ ରୋପିଲା ରସାଳ ଅମିୟ,

ଜୀବନେ ରଚିଲା କଳା କମନୀୟ

ପ୍ରଗତି ପୀଠର ପ୍ରିୟ ମହାଯୋଗ

ଅସ୍ଥିକୁ କରୁ ଇନ୍ଧନ

ଆମେ ଜନସାଧାରଣ ॥

ଖେତେ ଖେତେ ଘନ ଶିହରଣ ଲାଗେ,

ସୃଜନର ବାଣୀ ବାଜେ ଅନୁରାଗେ,

ମୃଦୁ କଳରବେ କେହୁ କିରେ ଡ଼ାକେ!

କୋଟି ପ୍ରାଣେ ଜାଗେ ଗୋଟିଏ ସେ ଛନ୍ଦ

ବିଶ୍ବବୁକୁର ସ୍ପନ୍ଦନ

ଆମେ ଜନସାଧାରଣ ॥

www.jatayu.org






# ଆମେ ଜନ ସାଧାରଣ

କବି ରଘୁନାଥ ଦାସ

ପ୍ରେମ ଯମୁନାର ଆମେ ନୀଳ ସ୍ରୋତ,

ଦେଶେ ଦେଶେ ଉଡ଼େ ଶାନ୍ତି କପୋତ,

ରଣ ଓ ମରଣ କରିବୁ ବିରୋଧ,

ମାନବିକତାର ବୋଧେ ବଳିୟାର

ନାହିଁ ଚାହୁଁ ଆତ୍ମମଣ

ଆମେ ଜନସାଧାରଣ ॥

ଆମେ ଚିକାଗୋର ଲୋହିତ ନିଶା,

ଭଲ୍‌ଗା ତଟ ଛୁଇଁ ଛୁଟେ ଯେ ତୋଫାନ,

ନୂଆ ଚାଇନାର ବିପ୍ଳବୀ କିଷାନ

ଆମ ଅଭିଯାନେ ଦଳିତ ଜାତିର

ଛିନ୍ନ କରିବୁ ବନ୍ଧନ

ଆମେ ଜନସାଧାରଣ ॥

ମାଳୟ ବଣର ପ୍ରଳୟ ଝଟିକା

www.jatayu.org

Powered by Tekons

# ଆମେ ଜନ ସାଧାରଣ

କବି ରଘୁନାଥ ଦାସ

କୋରିଆର ବୀର ସମର ଗୀତିକା

ଆମେ ରକ୍ତ ନଦୀ ଦୁର୍ଗମ ପରିଖା

ଆମେ ଲାଲଶିଖା ନବିନ ଆଶାର,

ଏସିଆର ଜାଗରଣ;

ଆମେ ଜନସାଧାରଣ ।।

ଜୀବନପଥରେ କୋଟିଏ ପାହଚ

ପଦେ ପଦେ ପୁଣି ନୂଆ ନୂଆ ନାଚ

ସ୍ମୃତି ଅନୁଭୂତି, କାଲି ଲାଗି ପାଞ୍ଚ,

ବିପୁଳ ରୋମାଞ୍ଚେ ଗଢ଼ା ଆମ ପାଞ୍ଜି

ସବୁଜ ନିତ୍ୟ ନୂତନ;

ଆମେ ଜନସାଧାରଣ ।।

www.jataayu.org

Powered by Tekons